# Akashvani, Sambalpur

# SAMBALPURI NEWS MORNING BULLETIN

# 11 April 2026 - 6.47- 6.52 am.

---

ରତ୍ନଭଣ୍ଡାର୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର୍ ଅଲଙ୍କାର୍ ଗନ୍ତିମନ୍ତି କାମ୍‌ର ୨ ନମ୍ବର୍ ଖେପ୍‌ର ଆଏଜ୍ ହେଉଛେ ୪ ନମ୍ବର୍ ଦିନ୍ । ଗଲାକାଏଲ୍ ୯୦ ପ୍ରତିଶତ୍ ଅଲଙ୍କାର୍ ଗଣ୍‌ନା ଶେଷ୍ ହେଇଥିବାର୍ ବେଲେ ବାହାର ରତ୍ନଭଣ୍ଡାର୍‌ର ଗନ୍ତି ଆଏଜ୍ ସର୍‌ବା ବଲି ଜନାପଡ଼ିଛେ । ଇଟା ସର୍‌ଲେ ଆଏବା ୧୩ ତାରିଖ୍‌ନୁ ଭିତର ରତ୍ନଭଣ୍ଡାର୍‌ର ଗନ୍ତି କାମ୍ ମୁଲ୍ ହେବା । ମହାବିଷୁବ ସଂକ୍ରାନ୍ତି ଦିନ ଗଣ୍‌ତି ବନ୍ଦ୍ ରହେବାର୍ ସହେତେ ୧୬ ନୁ ୧୮ ତାରିଖ୍‌ତକ୍ ଫେର୍‌ଘାଏ କାମ୍ ଚାଲ୍‌ବା । ଭକ୍ତମାନ୍‌କର୍ ଦର୍ଶନ୍‌ଥି କେନ୍‌ସି ପ୍ରକାର୍ ଅସୁବିଧା ନାଇଁ ହେବାର୍ ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଖାସ୍ ବ୍ୟବସ୍ଥା କରାଯାଇଛେ ବଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ ।

ଓଡ଼ିଆ ପକ୍ଷ-ଯୁବ ଲେଖକ ସମ୍ମିଳନୀ ଆଇ ଆଣ୍ଡ୍ ପି.ଆର୍

ଓଡ଼ିଆ ପକ୍ଷ ପାଲନ୍‌ର ୧୧ ନମ୍ବର୍ ଦିନେ ଆଏଜ୍ ଭିନ୍ ଭିନ୍ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କୁ ନେଇକରି 'ରାଜ୍ୟସ୍ତରୀୟ ଅମୃତ୍ ପିଢ଼ି ସାରସ୍ୱତ୍ ସମାରୋହ' ଆୟୋଜନ୍ କରାଯବା । ଇ ଅବ୍‌ସରେ ଭିନ୍ ଭିନ୍ ଆଲୋଚନାଚକ୍ର ଆଉ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ପ୍ରତିଯୋଗିତା ମାନ୍ କରାଯିବା ।
୧୦ ନମ୍ବର୍ ଦିନେ ଗଲାକାଏଲ୍ ପିପିଲି ନ ରାଜ୍ୟସ୍ତରୀୟ ଲୋକକଲା ଉତ୍ସବ୍ ହେଇଯାଇଛେ । ଜବାହାର୍ ବିଦ୍ୟାପୀଠ ନୁ ପଦାପଡ଼ିଆତକ୍ ଗୁଟେ ଭବ୍ୟ ଶୋଭାଯାତ୍ରାଥି ରାଜ୍ୟର୍ ଅଲ୍‌ଗା ଅଲ୍‌ଗା ଜାଗାନୁ ଆସିଥିବା ଲୋକକଲା ଶିଳ୍ପୀମାନେ ପାରମ୍ପାରିକ୍ ନାଚ୍, ଗୀତ୍ ପ୍ରଦର୍ଶନ୍ କରିଥିଲେ । କାର୍ଯ୍ୟକ୍ରମ୍‌କେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ ଉଦ୍‌ଘାଟନ୍ କରିକରି ଲୋକକଳାର ପ୍ରଚାର୍ ପ୍ରସାର୍ ବାବ୍‌ଦେ ଜୋର୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ପାଖାପାଖି ହଜାରେ ନୁ ଅଏତ୍‌କା କଲାକାର୍ ସାମିଲ୍ ହେଇଥିଲେ ।

ଏଲ୍‌ପିଜି ଗେସ୍ ଆଇ ଆଣ୍ଡ୍ ପି.ଆର୍

ରାଏଜେ ଏଲ୍‌ପିଜି ଗେସ୍ କଳାବଜାରୀକେ ରୁକ୍‌ବାର୍ ଲାଗି ଯୋଗାଣ୍ ବିଭାଗ୍ ତରଫୁ କଡ଼ା କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କରାଯାଇଛେ । ଗେସ୍ ଯୋଗାଣ ଥିତି ସ୍ୱାଭାବିକ୍ ଥାଇକରି ଭିଲ୍ ବେଆଇନ୍ ଭାବେ ଏଲ୍‌ପିଜି ଗେସ୍ ମହଜୁଦ୍ ରଖ୍‌ବାର୍ ଖବର୍ ମିଲ୍‌ବାର୍ ଉତ୍‌ରୁ ରାଜ୍ୟର୍ ୩୦ ଟା ଯାକ ଜିଲ୍ଲା ନ ଖାସ୍ ଚଢ଼ଉ ଜାରି ରହିଛେ । ଏବ୍‌ତକ୍ ୨ ହଜାର୍ ଶହେ ୩୬ ଟା ଜାଗା ନ ଯାଂଚ୍ କରାଯାଇକରି ୪ ହଜାର୍ ୬ ଶହ ୯୧ ଟା ସିଲିଣ୍ଡର୍ ଜବତ୍ କରାଯାଇଛେ । ଇତାର୍ ସହେତେ ୩ ଶହ ୬୦ ଟା ମାମ୍‌ଲା ରୁଜୁ ଆଉ ୩୧ ଟା ଏଫ୍‌ଆଇଆର୍ ଦାଖଲ୍ ହେଇଥିବାର୍ ବେଲେ ୫ ଝନ୍‌କୁ ଗିରଫ୍ କରାଯାଇଛେ ।

ଜାତୀୟ ନିରାପଦ ମାତୃତ୍ୱ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଜାତୀୟ ନିରାପଦ ମାତୃତ୍ୱ ଦିବସ୍ । ଇ ଅବ୍‌ସରେ ସ୍ୱାସ୍ଥ୍ୟସେବା ସହେତେ ଜୁଡ଼ି ହେଇଥିବା ସର୍‌କାରୀ ଆର୍ ବେସର୍‌କାରୀ ଅନୁଷ୍ଠାନ୍‌ମାନେ ସଭାସମିତି ଜରିଏ ନିରାପଦ

ମାତୃତ୍ୱକେ ନେଇକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରୁଛନ୍ । ମା ମାନ୍‌କର୍ ଗର୍ଭଧାରଣ୍‌ନୁ ପ୍ରସବ ଆର୍ ତାର୍ ଉତ୍‌ରର୍ ଯତ୍ନ ଲାଗି ପରିବାର୍ ଆଉ ସାମାଜିକ ସ୍ତର୍‌ଥି ସଚେତନ୍‌ତା ସୃଷ୍ଟି କର୍‌ବାର୍‌ଟା ଆଝିର୍ ଦିବସ୍ ପାଳନ୍‌ର ମୁଲ୍ ଲକ୍ଷ୍ୟ ଆଏ ।

ଷ୍ଟାର୍ ଏୟାର୍-ବିମାନ୍ ସେବା ବନ୍ଦ ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍ ନ ଘରୋଇ ବିମାନ୍‌ସେବା ପ୍ରଦାନ୍‌କାରୀ ସଂସ୍ଥା ଷ୍ଟାର୍ ଏୟାର୍ ତର୍‌ଫୁ ଗଲାକାଏଲ୍‌ଠାନୁ ବିମାନ୍ ସେବା ବନ୍ଦ୍ କରାଯାଇଛେ । ଆଏବା ୧୫ ତାରିଖ୍‌ନୁ ଦେଢ଼୍ ମାସ୍ ଲାଗି ଷ୍ଟାର୍ ଏୟାର୍ ବିମାନ୍ ସେବା ବନ୍ଦ୍ କର୍‌ବାର୍ ବାବ୍‌ଦେ ସଂସ୍ଥା ଆଘୋନୁ ଘୋଷ୍‌ନା କରିଥିଲା । ହେଲେ ତାର୍ ୫ ଦିନ୍ ଆଘୋନୁ ହାଇଦ୍ରାବାଦ୍- ଝାରସୁଗୁଡ଼ା, ଭୁବ୍‌ନେଶ୍ୱର୍-ଝାର୍‌ସୁଗୁଡ଼ା, ହାଇଦ୍ରାବାଦ୍-ଭୁବ୍‌ନେଶ୍ୱର୍ ସେକ୍ଟର୍‌ଥି ବିମାନ୍ ଚଲାଚଲ୍‌କେ ବନ୍ଦ୍ କରିଛେ ।

ଯୋଗୀମଠ ରଷିମଠ ମହୋତ୍ସବ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ତୁକ୍ଲା କଲେଜ୍ ପଡ଼ିଆ ନ ଯୋଗୀମଠ ରଷିମଠ ମହୋତ୍ସବ-୨୦୨୬ ଗଲାକାଏଲ୍ ଉଦଯାପିତ୍ ହେଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍‌ଦେଇକରି କଳା, ସାହିତ୍ୟ ଆଉ ସଂସ୍କୃତିକେ ସାଂସ୍କୃତିକ୍ ଜାଗରଣ୍‌ର ଆଧାର୍ ବଲି କହିଛନ୍ । ଇ ଅବ୍‌ସରେ ଭିନ୍ ଭିନ୍ ସାଂସ୍କୃତିକ୍ ଦଲ୍ ତର୍‌ଫୁ ନାଚ୍ ଗୀତ୍ ପ୍ରଦର୍ଶିତ୍ ହେଇଛେ ।

ଉଠା ଜଲ୍‌ସେଚନ୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଉଠା ଜଲ୍‌ସେଚନ୍‌ଥି ଗୁଟେ ବଡ଼ ସଫଲତା ମିଲିଛେ । ଗଲା ୯ ମାସେ ହଜାରେ ଟା ସୋଲାର୍ ବୋର୍‌ୱେଲ୍ କାର୍ଯ୍ୟକ୍ଷମ୍ କରାଯାଇକରି ୫ ହଜାର୍ ହେକ୍ଟର୍ ଜମିକେ ଜଲ୍‌ସେଚନ୍ ସୁବିଧା କରାଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ଗୁଟେ ସମୀକ୍ଷା ବୈଠକ୍‌ଥି ଇ ସୂଚ୍‌ନା ଦିଆଯାଇଛେ । କୋମ୍‌ନା, ସିନାପାଲି, ଖଡ଼ିଆଲ୍ ଆଉ

ବୋଡ଼େନ୍ ବ୍ଲକ୍ ନ ପ୍ରକଳ୍ପ ସବୁ ଶେଷ୍ ହେଇଥିବାର୍ ବେଲେ ବାକି ୩ ଶହ ୫ ଟା ପ୍ରକଳ୍ପ ଲାଗି ଟେଣ୍ଡର୍ ପ୍ରକ୍ରିୟା ଜାରି ରହିଛେ ।

ଫୁଟ୍‌ବଲ୍ ଚମ୍ପିଆନ୍‌ସିପ୍          ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା କ୍ରୀଡ଼ା ସଂଘ ଆଉ ଜିଲ୍ଲା ପ୍ରଶାସନ୍ ତରଫୁ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ନ ମୁଖ୍ୟମନ୍ତ୍ରୀ ଟ୍ରଫି ଆନ୍ତଃକ୍ଲବ୍ ଆଉ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଚମ୍ପିଆନ୍‌ସିପ୍-୨୦୨୬ ଗଲାକାଏଲ୍ ମୁଲ୍ ହେଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଇ ଚାମ୍ପିଆନ୍‌ସିପ୍‌କେ ଶୁଭାରମ୍ଭ କରିଛନ୍ । ଇ ଚାମ୍ପିଅନ୍‌ସିପ୍ ଆଏବା ୧୯ ତାରିଖ୍‌ତକ୍ ଚାଲ୍‌ବା । ଇଥି ୧୪ ବଛର୍ ବୟସ୍‌ନୁ କମ୍ ବୟସର୍ ପିଲା ଟୁକେଲ୍‌ଙ୍କର୍ ଭିତ୍‌ରେ ଫୁଟ୍‌ବଲ୍, ଖୋଖୋ, ଭଲିବଲ, କବାଡ଼ି ଖେଲ୍ ହେବା ।

ରଗ୍‌ବୀ ଚାମ୍ପିଅନ୍‌ସିପ୍          ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଥିବା ଜାତୀୟ ବିଦ୍ୟାଳୟ ସମୂହ ରଗ୍‌ବୀ ଚାମ୍ପିଅନ୍‌ସିପ୍ ଗଲାକାଏଲ୍ ଉଦ୍‌ଯାପିତ୍

ହେଇଯାଇଛେ । ୧୪ ବଛରନୁ କମ୍ ବାଲକ ବାଳିକା ବର୍ଗଥି ଓଡ଼ିଶା ଚାମ୍ପିଅନ୍ ହେଇଛେ । ସେନ୍ତା ବିହାର୍ ଆଉ ମହାରାଷ୍ଟ୍ର ଦଲ୍ ୨ ଆଉ ୩ ନମ୍ବର୍ ଠାନେ ରହିଛନ୍ । ଉଦ୍ଯାପନୀ ସମାରୋହଥି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ୍ ଦେଇକରି ଖେଲାଲିମାନ୍କୁ ପୁରସ୍କୃତ୍ କରିଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଆଏଜ୍ଠାନୁ ଗରମ୍ ଆଉ ଗୁଲ୍ଗୁଲି ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଖରା ବଢ୍‌ବାର୍କେ ନେଇକରି ଆଏବା ସୋମ୍ବାର୍ନୁ ସମ୍ବଲ୍ପୁର୍, ବର୍ଗଡ୍ ଆଉ ବଲାଙ୍ଗିର୍ ଜିଲ୍ଲାକେ ସତର୍କ ସୂଚ୍ନା ଜାରି କରାଯାଇଛେ । ଆଏଜ୍ଠାନୁ ୧୬ ତାରିଖ୍ତକ୍ ୧୧ ଟା ଜିଲ୍ଲା ନ ଜବର୍ ଖରା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ଚେତାବନୀ ଦିଆଯାଇଛେ ।